# ଜେକେ କାଗଜକଳ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ରାୟଗଡ଼ା, ୨୪।୧(ନିପ୍ର) : ନେତାଜୀ ସୁଭାଷ ବୋଷ ଜୟନ୍ତୀ ଉପଲକ୍ଷେ ଜେକେ କାଗଜକଳ ଓ ସ୍ୱର୍ଣ୍ଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଗଜକଳ କାର୍ଯ୍ୟନିର୍ବାହୀ ଉପ-ସଭାପତି ପବନ କୁମାର ସୁରୀ ମୁଖ୍ୟଅତିଥିରୂପେ ଯୋଗଦେଇ ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜେକେ କାଗଜକଳ ଲୋକ ସଂପର୍କ ଅଧିକାରୀ ଓ ଚାନ୍ଦିଲି ସରପଞ୍ଚ ସୁଆଇ ପେଦେଟିଂ ଉପସ୍ଥିତ ଥିଲେ। ଅନୁଷ୍ଠିତ ହୋଇଥିବା ସ୍ୱଚ୍ଛତା ଓ ପରିମଳ ଅଭିଯାନ ଚାନ୍ଦିଲି ଯୁବକ ସଂଘର ନେତା ଆଲୋକ କୁମାର ଛତ୍ରିଆଙ୍କ ନେତୃତ୍ୱରେ ସାନ ଚାନ୍ଦିଲିରେ ପରିଚାଳିତ ହେବ। ଶ୍ରୀସୁରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ସ୍ୱାସ୍ଥ୍ୟ ହିଁ ସଂପଦ, ତେଣୁ ନିଜେ ସଫା ରହିବା ସହ ଆଖ ପାଖ ଅଞ୍ଚଳ ସଫାସୁତରା ରଖିବା ଆବଶ୍ୟକ। ଲୋକ ସୁସ୍ଥ ରହିଲେ ଲୋକଙ୍କର ଶ୍ରମ ଶକ୍ତିର ବିକାଶ ଘଟିବ ବୋଲି ଶ୍ରୀ ସୁରୀ ପ୍ରକାଶ କରିଥିଲେ। ଏଥିସହ ଅଳିଆର ପୃଥକୀ କରଣ କରି ପାରିଲେ ତାହାର ମଧ୍ୟ ଆମେ ସମସ୍ତେ ସୁବିନିଯୋଗ କରିପାରିବା। ଯାହା ଭବିଷ୍ୟତରେ ଆମ ପାଇଁ ସଂପଦ ରୂପେ ପରିଗଣିତ ହେବ।

## ତୃତୀୟ ପୃଷ୍ଠାରୁ...

### କେନ୍ଦ୍ର ଅବହେଳାକୁ ...

'ଖୁସିର କଥା, ଆଜି ଆପଣମାନଙ୍କ ପ୍ରିୟ ନେତା ନବ ଦାସ ବିଜୁ ଜନତା ଦଳରେ ଯୋଗ ଦେଲେ। ମୁଁ ନବବାବୁ ଓ ତାଙ୍କର ସହଯୋଗୀ ବନ୍ଧୁମାନଙ୍କୁ ବିଜୁ ଜନତା ଦଳକୁ ସ୍ୱାଗତ କରୁଛି। ନବବାବୁ ଜଣେ ଭଲ ସଂଗଠକ। ତାଙ୍କର ଯୋଗଦାନ ଫଳରେ ବିଜୁ ଜନତା ଦଳ ଆହୁରି ମଜବୁତ ହେବ। ସମସ୍ତଙ୍କ ସହଯୋଗରେ ଝାରସୁଗୁଡ଼ା ଆଗକୁ ଆହୁରି ଉନ୍ନତି କରିବ, ଏ ବିଶ୍ୱାସ ମୋର ରହିଛି।'

ଏହି ବିଶାଳ ଜନସଭାରେ ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି, କିଛି ସମୟ ଆଗରୁ ଆପଣମାନେ ଗୋଟିଏ ଭିଡିଓ ଦେଖୁଥିଲେ। ସେଥିରେ ଓଡ଼ିଶାକୁ କେନ୍ଦ୍ରର ଅବହେଳା ବିଷୟରେ ମୁଁ ୯ଟି ପଏଣ୍ଟ୍ ଉଠାଇଥିଲି। ଆପଣ କୁହନ୍ତୁ, ମୁଁ କିଛି ଭୁଲ କହିଛି? କେନ୍ଦ୍ର ଅବହେଳାକୁ ଆଉ ବରଦାସ୍ତ କରାଯାଇପାରିବ ନାହିଁ।

ଏହି ଅବସରରେ ଝାରସୁଗୁଡ଼ାରେ ୬୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରି ନବୀନ କହିଛନ୍ତି, ଆଜି ମୁଁ ଆପଣମାନଙ୍କୁ ୩ଟି ବିଷୟରେ କହିବି। ଗତ ୧୮ବର୍ଷ ଭିତରେ ଝାରସୁଗୁଡ଼ା ବହୁତ ବଦଳିଛି। ମୁଁ ଠିକ୍ କହୁଛି ନା ନାହିଁ? ଆଗକୁ ଝାରସୁଗୁଡ଼ାର ଆହୁରି ଉନ୍ନତି ହେବ। ଆପଣମାନଙ୍କୁ ସାଥୀରେ ନେଇ ମୁଁ ଝାରସୁଗୁଡ଼ାର ଉନ୍ନତିକୁ ଆଗେଇ ନେବି। ଜାତୀୟ ରାଜପଥଗୁଡିକର ଅବସ୍ଥା ଆପଣମାନେ ଜାଣନ୍ତି। ବିଜୁ ଏକ୍ସପ୍ରେସ ୱେ ଝାରସୁଗୁଡ଼ା ଦେଇ ଯାଇଛି। ଜାତୀୟ ରାଜପଥ-୨୦୦ ମଧ୍ୟ ଝାରସୁଗୁଡ଼ା ଦେଇ ଯାଇଛି। ଆପଣ କହନ୍ତୁ, ଆପଣ କେଉଁ ରାସ୍ତାକୁ ପସନ୍ଦ କରିବେ? ଝାରସୁଗୁଡ଼ାରେ କିଛିଦିନ ତଳେ ନୂଆ ବିମାନ ବନ୍ଦର ଉଦଘାଟିତ ହେଲା। ବହୁତ ପ୍ରଚାର ହେଲା। କିନ୍ତୁ ବିମାନ ବନ୍ଦର ଖାଲି। ବିମାନ ଉଡ଼ିଲା ନାହିଁ। ମୁଁ କହିଥିଲି ଓଡ଼ିଶା ସରକାର ପାଣ୍ଠି ଦେବେ, ଆପଣ ବିମାନ ଚଳାନ୍ତୁ। କିନ୍ତୁ କିଛି ହେଲା ନାହିଁ। ବିମାନ କଥା ନହେଲେ ନାହିଁ, ଝାରସୁଗୁଡ଼ା ପାଇଁ ଗୋଟିଏ ଶତାବ୍ଦୀ ଏକ୍ସପ୍ରେସ ହେଲେ ଦିଅନ୍ତୁ। ଝାରସୁଗୁଡ଼ା-ଭୁବନେଶ୍ୱର ମଧ୍ୟରେ ଶତାବ୍ଦୀ ଏକ୍ସପ୍ରେସ ଚଳାଇବା ପାଇଁ ମୁଁ କେନ୍ଦ୍ର ନିକଟରେ ଦାବି କରିଛି, ଦେଖିବା କ'ଣ ହେଉଛି। ଆମର ଏ ଅଞ୍ଚଳରେ ବହୁତ କୋଇଲା ଖଣି ଅଛି। କୋଇଲା ରୟାଲିଟି ରିଭିଜନ ପାଇଁ ମୁଁ ବହୁବାର ଦାବି କରିଆସିଛି। ୫ ମିନିଟରେ ନିଷ୍ପତ୍ତି ହେବ। କିନ୍ତୁ ୨୦୧୫ରୁ ଏ ପର୍ଯ୍ୟନ୍ତ କିଛି ହେଉନାହିଁ। ଓଡ଼ିଶା ହଜାର ହଜାର କୋଟି ଟଙ୍କା ହରାଉଛି। ଏ କ୍ଷତିଭରଣା କରିବ କିଏ? ଆମ ପାଇଁ କ'ଣ କେବଳ ପ୍ରଦୂଷଣ? ଆପଣମାନେ ବିଚାର କରନ୍ତୁ।

ଏହି ଯୋଗଦାନ ସମାରୋହରେ ପୂର୍ବତନ ବିଧାୟକ ତଥା ଝାରସୁଗୁଡ଼ା ଜିଲ୍ଲା ବିଜେଡି ସଭାପତି କିଶୋର ମହାନ୍ତି, ପୂର୍ବତନ ବିଧାୟକ ଅନୁପ ସାଏ, ଜିଲ୍ଲା ପର୍ଯ୍ୟବେକ୍ଷକ ରବି ପାଣି, ବିଧାୟକ ମଙ୍ଗଳା କିଷାନ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଦେବାଶିଷ ସାମନ୍ତରାୟ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସାଂସଦ ପ୍ରଭାସ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶାରୁ ୯ଜଣଙ୍କୁ ...

ଉଲ୍ଲେଖନୀୟ ସେବାପାଇଁ ହୋମଗାର୍ଡ ଓ ସିଭିଲ ଡିଫେନ୍ସରେ ରାଷ୍ଟ୍ରପତି ପଦକ ପାଇବାକୁ ଓଡ଼ିଶାର ଅମୂଲ୍ୟ କୁମାର ସମର୍ଥା (ସିଡି, ଭଲ୍ୟୁଣ୍ଟିୟର) ମନୋନୀତ ହୋଇଛନ୍ତି। ପ୍ରଶଂସନୀୟ ସେବାପାଇଁ ହୋମଗାର୍ଡ ଓ ସିଭିଲ ଡିଫେନ୍ସ ପଦକ ପାଇବାକୁ ବିମଳ ପ୍ରସାଦ ପାଣି (ସିଡି,ଭଲ୍ୟୁଣ୍ଟିୟର), ପ୍ରକାଶ କୁମାର ଜେନା (ସିଡି, ଭଲ୍ୟୁଣ୍ଟିୟର) ଏବଂ ଅଭିନ୍ନ ମୋହନ ସାମନ୍ତରାୟ (ହୋମଗାର୍ଡ) ମନୋନୀତ ହୋଇଛନ୍ତି।

### ସିବିଆଇ ଶୁଣାଣିରୁ ...

କିନ୍ତୁ ପ୍ରଧାନ ବିଚାରପତି ଜଷ୍ଟିସ୍ ଗୋଗୋଇ ବୈଠକକୁ ନଯାଇ ଜଷ୍ଟିସ୍ ସିକ୍ରିଙ୍କୁ ପଠାଇଥିଲେ। ବୈଠକରେ ଆଲୋକ ବର୍ମାଙ୍କୁ ସିବିଆଇ ମୁଖ୍ୟ ପଦରୁ ହଟା ଯାଇଥିଲା।

ଗୁରୁବାର ଶୁଣାଣି ସମୟରେ ଆବେଦନକାରୀ କମନ୍ କଜ୍ ପକ୍ଷରୁ ଓକିଲ ଦୁଷ୍ୟନ୍ତ ଡାଭେ କହିଥିଲେ, ଜଷ୍ଟିସ୍ ସିକ୍ରି ମାମଲାର ଶୁଣାଣିରୁ ଓହରିଯାଇ ଏକ ଭୁଲ ବାର୍ତ୍ତା ଦେଉଛନ୍ତି। ଆମେ ଭାବୁଛୁ ଏମ୍ ନାଗେଶ୍ୱର ରାଓଙ୍କ ମାମଲାର ଶୁଣାଣି କରିବାକୁ କୋର୍ଟ ବୋଧହୁଏ ଚାହୁଁନାହାନ୍ତି। ଗତ ବୈଠକରେ ଆପଣଙ୍କ ଯୋଗଦାନ ସହ ଏହି ମାମଲାର କୌଣସି ସମ୍ପର୍କ ନାହିଁ। ଆପଣ ଏହି ମାମଲା ଶୁଣାଣି କଲେ, ଆମର କୌଣସି ଅସୁବିଧା ନାହିଁ। ଏହାର ଜବାବରେ ଜଷ୍ଟିସ୍ ସିକ୍ରି କହିଥିଲେ, ଆପଣ ମୋତେ ଓ ମୋ ପୋଜିସନ୍‌କୁ ଭଲ ଭାବେ ଜାଣିଛନ୍ତି। ମୁଁ ଯେବେଠାରୁ ମାମଲାରୁ ଓହରିବାକୁ ନିଷ୍ପତ୍ତି ନେଇଛି, ସେବେଠାରୁ ଆଉ କିଛି କହିବିନାହିଁ ବୋଲି ନିଷ୍ପତ୍ତି ନେଇଛି। କେବଳ ମୁଁ ଏହି ମାମଲାର ଶୁଣାଣି କରିବାକୁ ଚାହୁଁନାହିଁ।

### ୭ଘଣ୍ଟା ରହିବେ ...

ଆଲୋଚନା କରି ଅପରାହ୍ନ ୨ ଟା ୩୦ରେ ସେ ତମାଣ୍ଡୋ ମିନି ଷ୍ଟାଡିୟମ୍‌ରେ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଯୋଗ ଦେବେ। ବିଏସ୍‌ଏନ୍‌ଏଲ୍ ଓ ହାଲ୍ କର୍ମଚାରୀଙ୍କ ସହ ମଧ୍ୟ ଆଲୋଚନା କରିବାପରେ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେବେ। ଅପରାହ୍ନରେ ରାହୁଲ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ରାହୁଲଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ଓ ପ୍ରସ୍ତୁତି ତଦାରଖ କରାଯାଇଛି। ଆଗାମୀ ଫେବୃଆରୀ ପ୍ରଥମ ସପ୍ତାହରେ ରାହୁଲ ପୁଣି ଥରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ସେତେବେଳେ ସେ ଦକ୍ଷିଣ ଓଡ଼ିଶା ଗସ୍ତ କରିବେବୋଲି ସୂଚନା ଦେଇଛନ୍ତି ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂହ।

### ଜୈଶ୍ ଆତଙ୍କୀ...

ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍ ତାକୁ ୪ ଦିନ ପୂର୍ବେ ଗିରଫ କରିଥିବା ଗୁରୁବାର ଜଣାପଡ଼ିଛି। ଶ୍ରୀନଗରରେ ବାରମ୍ବାର ଗ୍ରେନେଡ୍ ଆକ୍ରମଣ କରୁଥିବା ଏହି ଆତଙ୍କୀ ଦିଲ୍ଲୀରେ ବ୍ୟସ୍ତବହୁଳ ଅଞ୍ଚଳରେ ଆକ୍ରମଣ କରିବାକୁ ଯୋଜନା କରୁଥିବା ଦିଲ୍ଲୀ ପୋଲିସ ପାଖରେ ସୂଚନା ପହଞ୍ଚିଥିଲା। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ଟିମ୍ ଜମ୍ମୁ-କଶ୍ମୀର ଯାଇ ତାକୁ ଗିରଫ କରିଥିଲେ। ତା' ନିକଟରୁ ବିପୁଳ ପରିମାଣର ଗ୍ରେନେଡ୍ ଓ ବିସ୍ଫୋରକ ଜବତ ହୋଇଛି। ତା'ର ଅନ୍ୟତମ ସହଯୋଗୀ ବାନ୍ଦିପୋରାର ହିଲାଲକୁ ମଧ୍ୟ ପୋଲିସ ଧରିବାରେ ସକ୍ଷମ ହୋଇଛି।

# ୪ ନକଲି ନକ୍ସଲ ଗିରଫ



ରାୟଗଡ଼ା, ୨୪।୧(ନିପ୍ର): ରାୟଗଡ଼ା ଜିଲ୍ଲା ପୋଲିସକୁ ମିଳିଛି ପୁଣି ଏକ ସଫଳତା ମାଓବାଦୀ ନାଁରେ ବିଭିନ୍ନ ଲୋକଙ୍କୁ ଡରେଇ ଧମକାଇ ଚାନ୍ଦା ଆଦାୟ କରିବାରେ ଲିପ୍ତ ଥିଲେ। ଆଜି ଏହାର ଫର୍ଦ୍ଦାଫାସ କରି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାୟଗଡ଼ା ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର। ସୂଚନା ମୁତାବକ କାଶୀପୁର ବ୍ଲକର ଅଣ୍ଡିରାକଞ୍ଚ ଥାନା ଅନ୍ତର୍ଗତ ପାଇକ କୁପାଖାଲ ଗ୍ରାମର ଠିକାଦାର ଶଙ୍କର ନାୟକଙ୍କୁ ଭାରତ କମ୍ୟୁନିଷ୍ଟ (ମାଓବାଦୀ) ବଂଶଧାରା ଘୁମୁସର ଓ ନାଗାବଳି ଡିଭିଜନର ଲେଟର ପ୍ୟାଡ଼ରେ ସମ୍ପାଦକ ଉମାକାନ୍ତ ନାମ ଥାଇ ତା. ୨୯/୦୮/୨୦୧୮ ରିଖ ଓ ସେହିଭଳି ତା. ୦୮/୧୨/୨୦୧୮ ରିଖ ଥାଇ ଠିକାଦାର ହଳଧର ବାଗଙ୍କୁ ଦେଇଥିଲେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ତୁମେ ମାନେ ଅସଦ ଉପାୟରେ ଲୋକଙ୍କୁ ଠକି କୋଟି କୋଟି ଟଙ୍କା ରୋଜଗାର କରିଛ ସେଇଥି ପାଇଁ ଶଙ୍କର ନାୟକଙ୍କୁ ୫୦ ଲକ୍ଷ ଟଙ୍କା ଓ ହଳଧର ବାଗଙ୍କୁ ୭୦ ଲକ୍ଷ ଟଙ୍କା ଦେବାପାଇଁ ସେମାନେ ଦାବି କରିଥିଲେ ନ ହେଲେ ପ୍ରଜାକୋର୍ଟରେ ଦଣ୍ଡ ବିଧାନ କରାଯିବ ବୋଲି କହିଥିଲେ ଏଥି ସହ ଭବାନୀପାଟଣାର ଟୁନୁ ଦାସ ଓ ଶିକରପାଇ ଗ୍ରାମର ଗାନ୍ଧୀ ବାବୁଙ୍କ ଭଳିଆ ହତ୍ୟା କରିବା ପାଇଁ ଧମକ ଦେଇଥିଲେ। ଅତ୍ୟଧିକ ଭୟ ପାଇ ଶଙ୍କର ନାୟକ ସେମାନଙ୍କୁ ୧୦ ଲକ୍ଷ ଟଙ୍କା ଦେଇଥିଲେ କିନ୍ତୁ

**ମାଓବାଦୀ ନାଁ ରେ ଚାନ୍ଦା ଆଦାୟ**

ପୋଲିସକୁ ଏହି ବିଷୟରେ କିଛି କହି ନ ଥିଲେ। ହଳଧର ବାଗ କିନ୍ତୁ ଏହି ବିଷୟ ନେଇ ପୋଲିସ ପାଖରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଆଧାର କରି ପୋଲିସ ଗୁରୁତର ସହ ନେଇ ତଦନ୍ତ କରି କାଶୀପୁର ବ୍ଲକ ଅନ୍ତର୍ଗତ ଜଲଖୁରା ଗ୍ରାମର ବଳରାମ ନାୟକ (୩୦), ଭରତ ଓରଫ ଭାପତ ନାୟକ (୨୩), ମାଲିଗାଁ ଗ୍ରାମର ପିଣ୍ଟୁ ଓରଫ ରମେଶ ନାୟକ (୨୬) ଓ ବଲେଖଦାଶ ନାୟକ (୩୦)ଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ନକ୍ସଲ ନାମ ଥାଇ ଲେଟର ପ୍ୟାଡ଼, ପୋଷ୍ଟର, ଅଭିଯୁକ୍ତ ବଳରାମ ନାୟକଠାରୁ ଟ. ୧୨୫୮୫୦ ଙ୍କା ଓ ଏକ ହିରୋ ମୋଟର ସାଇକେଲ ନଂ ୧୮ଊ୮୪୯୫, ବଲେଖଦାଶ ନାୟକ ଠାରୁ ୬୦ ହଜାର ଟଙ୍କା, ଭରତ ନାୟକ ଠାରୁ ଏକ ହଜାର ତିରିଶ ଟଙ୍କା ଓ ହିରୋ ମୋଟର ସାଇକେଲ ନଂ ଷ୍ଟ୍ରଊ୧୮ଊ୮୨୨୧ ଓ ସେହିଭଳି ପିଣ୍ଟୁ ଓରଫ ରମେଶ ନାୟକ ଠାରୁ ମୋଟର ସାଇକେଲ ନଂ ୦୮ଅ୨୩୦୯ ଜବତ କରିଥିବା ବେଳେ ସମୁଦାୟ ୧ ଲକ୍ଷ ୮୬ ହଜାର ୯୧୦ ଟଙ୍କା ଓ ଚାରୋଟି ମୋବାଇଲ ଫୋନ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର ସୂଚନା ଦେଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ (ଏସଡିପିଓ) ରାୟଗଡ଼ା ରାଜକିଶୋର ଦାଶ, ଦୀନବନ୍ଧୁ ଶବର ଥାନା ଅଧିକାରୀ ଅଣ୍ଡିରାକଞ୍ଚ ଓ ନରହରି ସାହୁ ଥାନା ଅଧିକାରୀ ଦୋରାଗୁଡା ଉପସ୍ଥିତ ଥିଲେ।

# କିନ୍ନରଙ୍କ ଅଧିକାର ସୁରକ୍ଷା ସଂକ୍ରାନ୍ତ କର୍ମଶାଳା

ବାଲେଶ୍ୱର,୨୪।୧(ନିପ୍ର): ବାଲେଶ୍ୱର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କିନ୍ନରଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇ ଯାଇଅଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ରାଉତ, ପ୍ରତାପ କୁମାର ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ଲୋକନାଥ କିନ୍ନର ଆସୋସିଏସନ୍‌ର ସମ୍ପାଦକ ପାର୍ଥସାରଥୀ ଜେନା ପ୍ରମୁଖ ଏଥିରେ ତୃତୀୟ ଲିଙ୍ଗୀଙ୍କ ଆଇନଗତ ଅଧିକାର କାର୍ଯ୍ୟକାରିତା ସମ୍ପର୍କରେ




ତଥା ଜିଲ୍ଲା ଜଜ୍ ରାମଶଙ୍କର ହୋତା ଏହି ଶିବିରରେ ଅଧ୍ୟକ୍ଷତା କରିବା ସହ କିନ୍ନରଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସ୍ଥାୟୀ ଲୋକ ଅଦାଲତ, ଅଧ୍ୟକ୍ଷ ଅଜୟ କୁମାର ମହାନ୍ତି, ବରିଷ୍ଠ ଦେଓାନୀ ବ୍ଚାରପତି ସେଖ୍ ମହମ୍ମଦ୍ କଏସ୍, ସିଭିଲ୍ କୋର୍ଟ ରେଜଷ୍ଟ୍ରାର ଶିବପ୍ରସାଦ ମିଶ୍ର, ଜିଲ୍ଲା ବାର୍ ଏସୋସିଏସନ୍ ସଭାପତି ନିରଂଜନ ପଣ୍ଡା, ପ୍ୟାନେଲ ଲୟର ସତ୍ୟେନ୍ଦ୍ର ଉମାଶଙ୍କର ଆଲୋଚନା କରିଥିଲେ। ସଂଘର ବହୁ କିନ୍ନର ଏଥିରେ ଯୋଗଦେଇ ସେମାନଙ୍କ ଜୀବନଧାରା ଓ ଦୈନନ୍ଦିନ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ରୀନା ଚୌଧୁରୀ କିନ୍ନରଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କିନ୍ନରମାନଙ୍କୁ ଭୋଟର ପରିଚୟପତ୍ର ବଣ୍ଟନ କରାଯାଇଥିଲା।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କୁଆଖିଆ,୨୪/୧(ନିପ୍ର): ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିରଜା କିଙ୍କର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ,ମୁଖ୍ୟ ବକ୍ତା ଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ରଥ ଯୋଗ ଦେଇ ବାଳିକା ପିଲା ମାନେ କିପରି ନିଜକୁ ନିଜେ ଆତ୍ମ ସୁରକ୍ଷା କରିପାରିବେ ସେ ସମ୍ପର୍କରେ କହି ଥିଲେ। ସମ୍ମାନିତ ଅତିଥି ଭାବେ ସରପଂଚ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ,ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ସାହୁ ଯୋଗ ଦେଇ ବାଳିକା ଆତ୍ମରକ୍ଷା କୌଶଳର ଆବଶ୍ୟକତା ଉପରେ କହିଥିଲେ। ଅଧ୍ୟାପକ ରବିନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପିଇଟି ଅଭିରାମ ପାତ୍ର ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ୧୨ ଦିନ ଧରି ଚାଲିଥିଲା। ଅଧ୍ୟାପକ ରତ୍ନାକର ନାୟକ ଅଧ୍ୟାପିକା ଚିନ୍ମୟୀ ନାୟକ,ସୌରେନ୍ଦ୍ର କୁମାର ପଣ୍ଡା,ସୁରେଶ ଦ୍ୱିବେଦୀ ,କିଶୋର ମିଶ୍ର , ଅଧ୍ୟାପକ ଅଶୋକ କୁମାର ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସନ୍ତୋଷ କୁମାର ଦାସ,ରାଧା କାନ୍ତ ସାମଲ ,ଗୌରାଙ୍ଗ ସାହୁ , କ୍ଷେତ୍ରବାସୀ ସେଠୀ ,ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ । ଟ୍ରେନର ଭାବେ ଜ୍ୟୋତ୍ସ୍ନା ନନ୍ଦ ଯୋଗ ଦେଇ ୬୦ ପିଲାଙ୍କୁ ଟ୍ରେନିଂ ଦେଇଥିଲେ।

# ଜାତୀୟ ଶିଶୁକନ୍ୟା ଦିବସ ପାଳିତ



ବାଲେଶ୍ୱର,୨୪।୧(ନିପ୍ର): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିଶୁକନ୍ୟା ଦିବସ-୨୦୧୯ ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ପାଳିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହିତ ଭାରତୀୟ ସାମାଜିକ ବ୍ୟବସ୍ଥାରେ କନ୍ୟାରନ୍ ସୁରକ୍ଷା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ସଂସ୍କାରଯୁକ୍ତ ସମାଜ ଗଠନର ମୂଳମନ୍ତ୍ର ମାଆ ହୋଇଥିବା ବେଳେ ଶିଶୁକନ୍ୟାର ସୁରକ୍ଷା ପ୍ରତି ସବୁ ମହଲରୁ ଚେଷ୍ଟା କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ପାଇଁ କନ୍ୟା ସନ୍ତାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥଲେ। ସାମ୍ପ୍ରତିକ କ୍ଷୁଦ୍ର ଓ ଅଣୁ ପରିବାର ସ୍ଥାପନ ଯୋଗୁଁ ଶିଶୁକନ୍ୟାମାନେ ଅବହେଳିତ ହେଉଥିବା ସେ କହିଥିଲେ। ବ୍ୟାପକ ପ୍ରଚାର ପ୍ରସାର ଦ୍ୱାରା କନ୍ୟା ସନ୍ତାନର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ପାଇଁ ଶ୍ରୀମତୀ ମହାନ୍ତି ମତ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମାନସ ରଂଜନ ପାଢ଼ୀ, ଜିଲ୍ଲା ଶ୍ରମ ଅଧିକାରୀ କୁବେର ବେହେରା, ଜିଲ୍ଲା ଶିଶୁ କଲ୍ୟାଣ କମିଟି ସଭାପତି ଭାଗୀରଥି ବାରିକ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁକନ୍ୟା ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ସେନାପତି ଏଥରେ ପୌରୋହିତ୍ୟ କରିଥିବା ବେଳେ ପ୍ରୋଗ୍ରାମ ଅଫିସର ଗାୟତ୍ରୀ ମିଶ୍ର, ଜୁଭେନାଲ ଜଷ୍ଟିସ୍ ବୋର୍ଡ଼ ସଦସ୍ୟା ଡକ୍ଟର ଶୁଭଶ୍ରୀ ଲେଙ୍କା, ସିଡବ୍ଲ୍ୟୁସି ସଦସ୍ୟ ପଦ୍ମଲୋଚନ ଦତ୍ତ, ଲାୟନ୍ସ କ୍ଲବ ଉମଙ୍ଗର ସଭାପତି କ୍ରିଷ୍ଣା ଦାସ, ସମ୍ପାଦିକା ବନ୍ଦିତା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ସଂଯୁକ୍ତା ରାଉତ ଏଥିରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୌରୀରାଣୀ ଉପାଧ୍ୟାୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପୁଷ୍ପଲତା ଜେନା, ଦେବସ୍ମିତା ନାୟକ, ମୁକ୍ତିକାନ୍ତ ପାତ୍ର, ସତ୍ୟରଂଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଜିଲ୍ଲା ପାଣିପଞ୍ଚାୟତ ପକ୍ଷ ପାଳିତ

ବାଲେଶ୍ୱର,୨୪।୧(ନିପ୍ର): ଜିଲ୍ଲା ଉଠା ଜଳସେଚନ ବିଭାଗ ପକ୍ଷରୁ ପାଣିପଞ୍ଚାୟତ ପକ୍ଷ-୨୦୧୯'ବାଲିଆପ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଫଳ ରୂପାୟନ ଭଳି ପାଣିପଞ୍ଚାୟତ ସୁପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ବିଶେଷକରି ଚାଷୀମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ସହ ପାଣିପଞ୍ଚାୟତ ବ୍ୟବସ୍ଥାକୁ ସଫଳ ପଥେ ଆଗେଇ ନେଇ ପାରିବେ ବୋଲି ଶ୍ରୀମତୀ ମହାନ୍ତି ମତ ପ୍ରକାଶ କରିଥିଲେ। ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଣିପଞ୍ଚାୟତ ବ୍ୟବସ୍ଥାକୁ ସଫଳ କରିବାରେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କହିଥିଲେ। ସରକାର କିମ୍ବା ବିଭାଗ ଉପରେ ଅତି ନିର୍ଭରଶୀଳ ନ ହୋଇ କମିଟି ମଧ୍ୟରେ ସର୍ବସମ ନିଷ୍ପତିକୁ ଗୁରୁତ୍ୱ ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ସୁବୋଧ କୁମାର ଚୌଧୁରୀ ଏଥିରେ ପୌରୋହିତ୍ୟ କରିଥିବା ବେଳେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ନାୟକ ଓ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ ଇଂଜିନିୟର ସୁବାସ ଚନ୍ଦ୍ର ଶତପଥୀ ଏଥିରେ ଉପସ୍ଥିତ ରହି ପାଣିପଞ୍ଚାୟତର ଆଭିମୁଖ୍ୟ ଓ ପରିଚାଳନା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଦିଲ୍ଲୀପ କୁମାର ରଥ ଏଥିରେ ସଂଯୋଜନା କରିଥିଲେ। ଇଂଜିନିୟର ରାମନାରାୟଣ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ପାଣିପଞ୍ଚାୟତ ବ୍ୟବସ୍ଥା ଶୀର୍ଷକକୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ। ଚାନ୍ଦୁ ମୁର୍ମୁ, ବିଭୂତି ଭୂଷଣ ସ୍ୱାଇଁ, ସୁରେଶ ଚନ୍ଦ୍ର ଦେ, ଗୌରାଙ୍ଗ ଚରଣ ଦାସ, ପ୍ରେମାନନ୍ଦ ପଣ୍ଡା, କୁଳମଣି ନାୟକ ପ୍ରମୁଖ ବିଭିନ୍ନ ବର୍ଗର ବିଭାଗୀୟ ଯନ୍ତ୍ରୀ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ପୋଷାକ ବିତରଣ ମେଳା

କୁଆଖିଆ,୨୪/୧(ନିପ୍ର): ରସୁଲପୁର ବ୍ଲକ ଅର୍ନ୍ତଗତ ଶ୍ରୀବନ୍ତପୁର ପଞ୍ଚାୟତ ବ୍ରହ୍ମପୁର ସ୍ଥିତ ମା ଯୋଗେଶ୍ୱରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ପୋଷାକ ବିତରଣ ମେଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୋଷାକ ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଓ ମନମୋହନ ସାମଲ, ମୁଖ୍ୟ ବକ୍ତା ଭାବେ ସମାଜ ସେବୀ ବ୍ରଜ କିଶୋର ସାମଲ, ସମ୍ମାନିତ ଅତିଥି ଭାବେ ସ୍କୁଲ କମିଟି ସଭାପତି ଅମର ସାମଲ,ସିଆରସିସି ରବିନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ

ବାଲେଶ୍ୱର,୨୪।୧(ନିପ୍ର): ବାଲେଶ୍ୱର ଅବକାରୀ ବିଭାଗ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ବସ୍ତା ଅଞ୍ଚଳରେ ଚଢ଼ଉ ହୋଇ ୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ସହ ଜଣକୁ ଗିରଫ କରାଯାଇଛି । ଅବକାରୀ ସୁପରିଂଟେଣ୍ଡେଟ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ମୋବାଇଲ ସ୍କ୍ୱାର୍ଡର ନଅ ଜଣିଆ ସ୍ୱତନ୍ତ୍ର ଟିମ୍ ଏହି ଚଢ଼ଉ କରିଥିଲା। ବସ୍ତା ଥାନା ସିଂଗାରପୁରର ବ୍ରାଉନସୁଗାର ବେପାରୀ ସେଖ୍ ଜଲାଲୁଦ୍ଦିନଙ୍କ ଗତିବିଧି ଉପରେ ଅବକାରୀ ବିଭାଗର ନଜର ରଖିଥିଲା । ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଆଜି ଏହି ଟିମ୍ ଅଭିଯୁକ୍ତଙ୍କ ଘର ଉପରେ ଚଢାଉ କରଥିଲା। ତାଙ୍କ ଘରୁ ୩୦ ଗ୍ରାମର ହେରୋଇନ ଜବତ ସହ ଅଭିଯୁକ୍ତ ଜଲାଲୁଦ୍ଦିନ୍‌ଙ୍କୁ ଅବକାରୀ ଟିମ୍ ଗିରଫ କରିଥିଲା। ପଡୋଶୀ ପଶ୍ଚମବଙ୍ଗ ଏବଂ ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟରୁ ଜଳେଶ୍ୱର ଦେଇ ଏହି ବ୍ରାଉନସୁଗାର ଚାଲାଣ ହେଉଥିବା ଅବକାରୀ ଅଧିକାରୀ ପ୍ରକାଶ କରିଛନ୍ତି । ଜବତ ହେରୋଇନର ଆନୁମାନିକ ବଜାର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସେ କହିଛନ୍ତି । ଏନେଇ ୧୩୬/୨୦୧୮-୧୯ ନମ୍ବର ଏକ ମାମଲା ରୁଜୁ ସହ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

# ଜିଲ୍ଲା ଯୋଜନା କମିଟି ବୈଠକ ବାତିଲ



ସୋନପୁର,୨୪।୧(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ଯୋଜନା କମିଟି ବୈଠକ (ଡିପିସି) ଗତ ମଙ୍ଗଳବାର ଅନୁଷ୍ଠିତ ହୋଇନପାରି ବାତିଲ ହୋଇଯାଇଛି। ସଂଖ୍ୟାଧିକ ବିଜେପି ସଭ୍ୟଙ୍କ ବିରୋଧ ଯୋଗୁଁ ଅନୁଷ୍ଠିତ ହେବାରୁ ଥିବା ଏହି ବୈଠକ ବାତିଲ ହୋଇଥିଲା। ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ନଗର ଉନ୍ନୟନ ଜଳସଂପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବୀର ମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କୁ ସର୍କିଟ ହାଉସରୁଡ଼ିଁ ବାହୁଡିବାକୁ ପଡିଛି। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ବିଜୁ କେବିକେ ଯୋଜନାରେ ଜିଲ୍ଲାରେ ମୋଟ ୬ କୋଟି ଟଙ୍କାର ପ୍ରକଳ୍ପ, କମ୍ପ୍ରେନସିଭ୍ ଜିଲ୍ଲା ପ୍ଲାନ ୨୦୧୭-୧୮ ରେ ୪୮୪୦୨.୩୭ଲକ୍ଷ ଓ ୨୦୧୮-୧୯ରେ ୫୮୮୮୩.୯୧ ଲକ୍ଷ ଟଙ୍କାର ଅନୁମୋଦନ ସକାଶେ ଏଜେଣ୍ଡା ପ୍ରସ୍ତୁତ କରି ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଆବାହିକ ମଧୁସୂଦନ ମିଶ୍ର ଗତ ମଙ୍ଗଳବାର ସ୍ଥାନୀୟ ଜିଲ୍ଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ବୈଠକ ପାଇଁ ଚିଠି କରିଥିଲେ। ତେବେ ୨୦୧୮ ମେ ୯ ତାରିଖରେ ଅନୁଷ୍ଠିତ ହୋଥିବା ଜିଲ୍ଲଶ ଯେଜାନା କମିଟି ବୈଠକରେ ତଞ୍ଚକତା କରାଯାଇ ୨୦୧୭-୧୮ ଓ ୨୦୧୮-୧୯ ବର୍ଷର ଗେପବନ୍ଧୁ ଗ୍ରାମୀଣ ଯୋଜନାର ପ୍ରକଳ୍ପକୁ ଅନୁମୋଦନ କରାଯାି ୬୭୦ ପ୍ରକଳ୍ପ ନିମନ୍ତେ ୧୨ କୋଟି ୪୦ ଲକ୍ଷ ୫୧ ହଜାରଟଙ୍କାର ବ୍ୟୟ ବରାଦକୁ ଅନୁମୋଦନ କରାଯାଇତଇବାରୁ ୮ଜଣ ବିଜେପି ସଭ୍ୟ ବିରୋଧକରି ପ୍ରତିବାଦ କରିଥିଲେ। ଜିଲ୍ଲା ପରିଷଦ ଅଧକ୍ଷ ତଥା ଡିପିସି ସଭ୍ୟା ଉଷାକୁମାରୀ ଓ ଉପାଧକ୍ଷ ରୁଦ୍ର ମହଲାଙ୍କ ନେତୃତ୍ୱରେ ଭାଜପାର ଜିଲ୍ଲା ପରିଷଦ ସଭ୍ୟ ବୈଠକ ସ୍ଥଳ ସାମ୍ନାରେ ଧାରଣାରେ ବସିରହିଥିଲେ। ଜିଲ୍ଲାପାଳ ମଧୁସୂଦନ ମିଶ୍ର ଓ ପିଡି ଡିଆରଡିଏ ସୂର୍ଯ୍ୟ ନାରାୟଣ ଦାଶ ଧାରଣାରତ ସଭ୍ୟ ସଭ୍ୟାଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଆନ୍ଦୋଳନରେ ବସିଥିବା ସଭ୍ୟମାନେ ଦର୍ଶାଇଥିଲେଯେ, ପୂର୍ବ ବୈଠକରେ ସଂଖ୍ୟାଧିକ ସଙ୍ଖ୍ୟଙ୍କ ମତକୁ ଉପେକ୍ଷା କରାଯାଇ କୋରମ ନଥିବା ସତ୍ତ୍ୱେ ତଞ୍ଚକତା କରାଯାଇ ସମସ୍ତ ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା ଯାହାକି ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରିଛନ୍ତି। ତେବେ ମାମଲା ବିଚାରାଧିନ ଥିବାବେଳେ ଏପରି ବୈଠକର ଆୟୋଜନକୁ ସେମାନେ ନାପସନ୍ଦ କରିଛନ୍ତି। ଧାରଣାରେ ବସିଥିବା ସଭ୍ୟ ଗାୟତ୍ରୀ ପାଣିଗ୍ରାହୀ, ସୁଶାନ୍ତ ପଣ୍ଡା, ଜୟନାରାୟଣ ନେଗୀ, ପୂର୍ଣ୍ଣଚନ୍ଦ୍ର ବଳ, ସଂଯୁକ୍ତା ଭୋଇ ସୌଜାମିନି ଜାଲ ପ୍ରମୁଖ ଧାରଣାରେ ବସି ବିଭିନ୍ନ ସ୍ଲୋଗାନ ଦେଇଥିଲେ।

**ଏସ୍ ଷ୍ଟୋନ୍ କ୍ରାଫ୍ଟ ଲିମିଟେଡ୍**

**ପଞ୍ଜୀକୃତ କାର୍ଯ୍ୟାଳୟ:**- ପ୍ଲଟ୍ ନଂ. ୧୨୧୦, ମହାନଦୀ ବିହାର, ପୋ:- ନୟାବଜାର, କଟକ, ଓଡ଼ିଶା- ୭୫୩୦୦୪
**କର୍ପୋରେଟ କାର୍ଯ୍ୟାଳୟ:** ତୃତୀୟ ମହଲା, ପ୍ଲଟ ନଂ ବି-୧୦୩ ସାଉଥ୍ ସିଟି ୧, ଗୁରୁଗ୍ରାମ, ହରିଆଣା-୧୨୨୦୦୧
ୱେବ୍ ସାଇଟ୍: **www.acestonecraft.com**
ମେଲ୍ **:contactus@acestonecraft.com**
ଯୋଗାଯୋଗ ନଂ :- ୦୧୨୪-୪୫୭୭୭୩୮
CIN:L26994OR199PLC003022

**ବିଜ୍ଞପ୍ତି**

ଏସ୍‌ଇବିଆଇ(ଆଇନଗତ ବାଧ୍ୟତା ଏବଂ ଆବଶ୍ୟକତା ପରିପ୍ରକାଶ ତାଲିକାଭୁକ୍ତ କରିବା) ରେଗୁଲେସନ୍, ୨୦୧୫ର ରେଗୁଲେସନ୍ ୪୭ ପାଠକରାଯାଇ ରେଗୁଲେସନ୍ ୨୯(୧)(ଏ) ଅନୁସାରେ ଏତଦ୍ୱାରା ବିଜ୍ଞପ୍ତି ଦିଆଯାଉଛି ଯେ, କମ୍ପାନୀର ବୋର୍ଡ଼ ଅଫ୍ ଡାଇରେକ୍ଟର୍ସଙ୍କ ୦୫/୨୦୧୮-୧୯ ସମ୍ମିଳନୀ ଗୁରୁବାର, ୭ ଫେବୃୟାରୀ ୨୦୧୯ ଅପରାହ୍ଣ ୦୧:୩୦, ସ୍ଥାନ : ତୃତୀୟ ମହଲା, ପ୍ଲଟ ନଂ ୧୦୩ ବି, ସାଉଥ୍ ସିଟି-୧, ଗୁରୁଗ୍ରାମ, ହରିଆଣା-୧୨୨୦୦୧ ରେ ଅନୁଷ୍ଠିତ ହେବ। ଏଥିରେ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ୩୧ ଡିସେମ୍ବର ୨୦୧୮ରେ ଶେଷ ହୋଇଥିବା ତ୍ରୟମାସ ପାଇଁ ଆଇଏନ୍ ଡି ଏଏସ୍ ର ଆବଶ୍ୟକତା ଅନୁଯାୟୀ ଯାଞ୍ଚ ହୋଇନଥିବା ଆର୍ଥିକ ବିବରଣୀ ଏବଂ ସୀମିତ ସମୀକ୍ଷା ରିପୋର୍ଟ ସମ୍ବନ୍ଧରେ ବିଚାର, ଆଲୋଚନା ଏବଂ ଗ୍ରହଣ କରିବା ଆଦି ଆଲୋଚିତ ହେବ।
ଏହା ସହିତ, କମ୍ପାନୀର ଅନୁପାଳନ ଅଧିକାରୀ ନିର୍ଣ୍ଣୟ ନେଇଛନ୍ତି ଯେ, ବାଣିଜ୍ୟ କାରବାର ଫେବୃୟାରୀ ୫ରୁ ଆରମ୍ଭ ହୋଇ ୭ ଫେବୃୟାରୀ ୨୦୧୯ରେ ଯାଞ୍ଚ ହୋଇନଥିବା ଆର୍ଥିକ ବିବରଣୀ ସର୍ବସାଧାରଣରେ ପ୍ରକାଶିତ ହେବାର ୪୮ଘଣ୍ଟା ପରେ ବନ୍ଦ ହେବ। ଉପରୋକ୍ତ ବିଜ୍ଞପ୍ତି କମ୍ପାନୀର ୱେବ୍ ସାଇଟ୍ www.acestonecraft.com ରେ ମଧ୍ୟ ଉପଲବ୍ଧ।

ବୋର୍ଡ଼ ଅଫ୍ ଡ଼ାଇରେକ୍ଟର୍ସଙ୍କ ନିର୍ଦ୍ଦେଶକ୍ରମେ
ଏସ୍ ଷ୍ଟୋନ୍ କ୍ରାଫ୍ଟ ଲିମିଟେଡ୍
ସ୍ୱା/-
ଭାଓ୍ୱନା ଗୁପ୍ତା
(କମ୍ପାନୀ ସେକ୍ରେଟାରୀ)

ତାରିଖ: ୨୪ ଜାନୁଆରୀ,୨୦୧୯
ସ୍ଥାନ: ଗୁରୁଗ୍ରାମ